# ଓଡ଼ିଶା ସରକାର

## ଅର୍ଥ ବିଭାଗ

*****

ସଂଖ୍ୟା ୧୬୧୧୬ /ଅ                                        ତା ୩୦.୦୪.୨୦୨୫ ରିଖ

FIN-CS2-LV-0006-2025

## କାର୍ଯ୍ୟାଳୟ ସ୍ମାରକ

ବିଷୟ :- **ରାଜ୍ୟ ସରକାରୀ ମହିଳା କର୍ମଚାରୀଙ୍କ ମାତୃତ୍ୱ ଛୁଟି - ସ୍ପଷ୍ଟୀକରଣ**

ଅର୍ଥ ବିଭାଗ କାର୍ଯ୍ୟାଳୟ ସ୍ମାରକ ସଂଖ୍ୟା ୬୩୪୫୨/ଅ ତା.୧୩.୧୨.୧୯୬୭, ସଂଖ୍ୟା ୪୨୭୮୬/ଅ ତା.୧୮.୧୦.୧୯୯୨ ଏବଂ ସଂଖ୍ୟା ୫୧୮୫୬/ଅ ତା.୦୭.୧୨.୨୦୧୧ ଅନୁଯାୟୀ, ଜଣେ ମହିଳା ସରକାରୀ କର୍ମଚାରୀ, ଯାହାର ଦୁଇଟିରୁ କମ୍ ଜୀବିତ ପିଲା ଅଛନ୍ତି, ୧୮୦ ଦିନ ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ପାଇପାରିବେ ।

୨. କିନ୍ତୁ ମାତୃତ୍ୱ ଛୁଟି କେଉଁ ଅବଧି ଭିତରେ ନିଆଯାଇପାରିବ, ଜଣେ ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ ପରବର୍ତ୍ତୀ ସମୟରେ ସେବାରେ ଯୋଗ ଦେବା ପରେ ମାତୃତ୍ୱ ଛୁଟି ନେଇପାରିବେ କି ନାହିଁ, ଇତ୍ୟାଦି ଉପରେ କିଛି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଏବଂ ମାତୃତ୍ୱ ଛୁଟି ସମ୍ପର୍କିତ କିଛି ନୂତନ ପ୍ରାବଧାନ ଆଣିବା ପାଇଁ, ରାଜ୍ୟ ସରକାର ବର୍ତ୍ତମାନ ନିମ୍ନୋକ୍ତ ସ୍ପଷ୍ଟୀକରଣ ଓ ମାର୍ଗଦର୍ଶିକା ଜାରି କରୁଛନ୍ତି ।

କ) ସମ୍ଭାବ୍ୟ ପ୍ରସବ ତାରିଖର (EDD) ତିନି ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ଛଅ ମାସ ମଧ୍ୟରେ, ଜଣେ ମହିଳା ସରକାରୀ କର୍ମଚାରୀ ୧୮୦ ଦିନ ମାତୃତ୍ୱ ଛୁଟି ନେଇପାରିବେ । କିନ୍ତୁ ଜଣେ ମହିଳା ସରକାରୀ କର୍ମଚାରୀ ଯଦି ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନଥିଲେ, ତେବେ ସେ ସରକାରୀ ସେବାରେ ଯୋଗ ଦେବା ପରେ, ତାଙ୍କର ଶିଶୁକୁ ଛଅ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ । ତେଣୁ ଏହି କ୍ଷେତ୍ରରେ, ମାତୃତ୍ୱ ଛୁଟିର ଅବଧି ୧୮୦ ଦିନରୁ କମ୍ ହେବ ।

*ଉଦାହରଣ: ଜଣେ ମହିଳାଙ୍କ ଶିଶୁ ଜନ୍ମ ତାରିଖ ହେଉଛି ୦୧.୦୪.୨୦୨୫ । ତାଙ୍କର ଶିଶୁକୁ ୨୭.୦୯.୨୦୨୫ରେ ଛଅ ମାସ ପୂର୍ଣ୍ଣ ହେବ । ଯଦି ସେ ୧୯.୦୬.୨୦୨୫ ତାରିଖରେ ସରକାରୀ ସେବାରେ ଯୋଗ ଦେଇ ମାତୃତ୍ୱ ଛୁଟି ପାଇଁ ଆବେଦନ କରନ୍ତି, ତେବେ ସେ ୨୦.୦୬.୨୦୨୫ ରୁ ୨୭.୦୯.୨୦୨୫ ତାରିଖ ପର୍ଯ୍ୟନ୍ତ (ଅର୍ଥାତ୍ କେବଳ ୧୦୦ ଦିନ) ମାତୃତ୍ୱ ଛୁଟି ପାଇଁ ଯୋଗ୍ୟ ହେବେ ।*

ଖ) ଜଣେ ମହିଳା ସରକାରୀ କର୍ମଚାରୀ ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ (miscarriage) କିମ୍ବା ଜନ୍ମିତ ଶିଶୁର ମୃତ୍ୟୁ (ଜନ୍ମର ୨୮ ଦିନ ମଧ୍ୟରେ) କିମ୍ବା ମୃତ ଶିଶୁ ଜନ୍ମ (୨୮ ସପ୍ତାହ କିମ୍ବା ତଦୁର୍ଦ୍ଧ୍ୱ ସମୟର ଗର୍ଭଧାରଣ ପରେ ଯଦି ନିର୍ଜୀବ ଶିଶୁର ଜନ୍ମ ହୁଏ) ହୁଏ, ତେବେ ତାଙ୍କର ମାତୃତ୍ୱ ଛୁଟିର ଅବଧି ସେହି ଦୁର୍ଘଟଣା ଦିନଠାରୁ ୪୨ ଦିନ ପର୍ଯ୍ୟନ୍ତ ରହିବ । କିନ୍ତୁ ଯଦି ଶିଶୁର ମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ହୁଏ, ତେବେ ସମ୍ପୃକ୍ତ ମହିଳା ସରକାରୀ କର୍ମଚାରୀଙ୍କ ମାତୃତ୍ୱ ଛୁଟି ସେହି ଦୁର୍ଘଟଣା ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ ରହିବ । ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଶେଷ ହୋଇଯାଇଥିବ, ତେବେ ସେ ଅଧିକ ୧୪ ଦିନର ମାତୃତ୍ୱ ଛୁଟି ପାଇବେ କିମ୍ବା ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଦୁର୍ଘଟଣା ଦିନଠାରୁ ୧୪ ଦିନ ଭିତରେ ଶେଷ ହୋଇଯାଉଥିବ, ତେବେ ସେ ୧୪ ଦିନରୁ ଯେତିକି ଦିନ ବଳକା ରହିଯାଉଥିବ, ସେତିକି ଦିନର ଅଧିକ ମାତୃତ୍ୱ ଛୁଟି ପାଇବେ ।

*ଉଦାହରଣ-୧: ଜଣେ ମହିଳା ସରକାରୀ କର୍ମଚାରୀଙ୍କ ସମ୍ଭାବ୍ୟ ପ୍ରସବ ତାରିଖ (EDD) ହେଉଛି ୩୦.୦୬.୨୦୨୫ ଏବଂ ସେ ଉପରୋକ୍ତ EDDର ତିନି ମାସ ପୂର୍ବରୁ ଯଥା ୦୧.୦୪.୨୦୨୫ ତାରିଖରୁ ୨୭.୦୯.୨୦୨୫ ତାରିଖ ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇଛନ୍ତି । ଯଦି ତାଙ୍କର ୦୧.୦୬.୨୦୨୫ ତାରିଖରେ ମୃତ ଶିଶୁ ଜନ୍ମ (still birth) ବା ଗର୍ଭପାତ (miscarriage) ହୁଏ, ତେବେ ସେହି ତାରିଖରୁ ୪୨ ଦିନ ପରେ, ଅର୍ଥାତ୍ ୧୨.୦୭.୨୦୨୫ ତାରିଖରେ, ତାଙ୍କର ମାତୃତ୍ୱ ଛୁଟି ଅବଧି ଶେଷ ହେବ ।*

*ଉଦାହରଣ-୨: ଜଣେ ମହିଳା ସରକାରୀ କର୍ମଚାରୀ ୦୧.୦୪.୨୦୨୫ ତାରିଖରୁ ୨୭.୦୯.୨୦୨୫ ତାରିଖ ପର୍ଯ୍ୟନ୍ତ ମାତୃତ୍ୱ ଛୁଟିରେ ଅଛନ୍ତି ଏବଂ ତାଙ୍କର ଶିଶୁ ଜନ୍ମ ତାରିଖ ହେଉଛି ୦୧.୦୪.୨୦୨୫ । ଯଦି ୨୮.୦୪.୨୦୨୫ ତାରିଖରେ ତାଙ୍କର ଜନ୍ମିତ ଶିଶୁର ମୃତ୍ୟୁ ହୁଏ (ଅର୍ଥାତ୍ ଜନ୍ମର ୨୮ ଦିନ ମଧ୍ୟରେ), ତେବେ ସେହି ତାରିଖରୁ ୪୨ ଦିନ ପରେ, ଅର୍ଥାତ୍ ୦୮.୦୬.୨୦୨୫ ତାରିଖରେ, ତାଙ୍କର ମାତୃତ୍ୱ ଛୁଟି ଅବଧି ଶେଷ ହେବ । କିନ୍ତୁ ଯଦି ୦୧.୦୫.୨୦୨୫ ତାରିଖରେ ତାଙ୍କର ଜନ୍ମିତ ଶିଶୁର ମୃତ୍ୟୁ ହୁଏ (ଅର୍ଥାତ୍ ଜନ୍ମର ୨୮ ଦିନ ପରେ ଏବଂ ୧୨୦ ଦିନ ମଧ୍ୟରେ), ତେବେ ସେହି ଦୁର୍ଘଟଣା ତାରିଖରୁ ୧୪ ଦିନ ପରେ, ଅର୍ଥାତ୍ ୧୪.୦୫.୨୦୨୫ ତାରିଖରେ ତାଙ୍କର ମାତୃତ୍ୱ ଛୁଟି ଅବଧି ଶେଷ ହେବ ।*

*ଉଦାହରଣ-୩: ଜଣେ ମହିଳା ସରକାରୀ କର୍ମଚାରୀ ୩୧.୦୧.୨୦୨୫ ତାରିଖରୁ ୨୯.୦୭.୨୦୨୫ ତାରିଖ ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇଛନ୍ତି ଏବଂ ତାଙ୍କର ଶିଶୁ ଜନ୍ମ ତାରିଖ ହେଉଛି ୦୧.୦୪.୨୦୨୫ । ଯଦି ୨୯.୦୭.୨୦୨୫ ତାରିଖରେ ତାଙ୍କର ଜନ୍ମିତ ଶିଶୁର ମୃତ୍ୟୁ ହୁଏ (ଅର୍ଥାତ୍ ଜନ୍ମର ୧୨୦ ଦିନରେ ଏବଂ ମାତୃତ୍ୱ ଛୁଟି ଅବଧିର ଶେଷ ଦିନରେ ), ତେବେ ସେହି ଦୁର୍ଘଟଣା ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ, ଅର୍ଥାତ୍ ୧୨.୦୮.୨୦୨୫ ତାରିଖ ପର୍ଯ୍ୟନ୍ତ, ସେ ମାତୃତ୍ୱ ଛୁଟି ନେଇପାରିବେ । ଏହି କ୍ଷେତ୍ରରେ, ତାଙ୍କର ମାତୃତ୍ୱ ଛୁଟିର ଅବଧି ୧୯୪ ଦିନ (୩୧.୦୧.୨୦୨୫ ତାରିଖରୁ ୧୨.୦୮.୨୦୨୫ ତାରିଖ ପର୍ଯ୍ୟନ୍ତ) ହେବ ।*

*ଉଦାହରଣ-୪: ଜଣେ ମହିଳା ସରକାରୀ କର୍ମଚାରୀ ୦୭.୦୨.୨୦୨୫ ତାରିଖରୁ ୦୫.୦୮.୨୦୨୫ ତାରିଖ ପର୍ଯ୍ୟନ୍ତ (ଛଅ ମାସ) ମାତୃତ୍ୱ ଛୁଟି ନେଇଛନ୍ତି ଏବଂ ତାଙ୍କର ଶିଶୁ ଜନ୍ମ ତାରିଖ ହେଉଛି ୨୫.୦୪.୨୦୨୫ । ଯଦି ୨୯.୦୭.୨୦୨୫ ତାରିଖରେ ତାଙ୍କର ଜନ୍ମିତ ଶିଶୁର ମୃତ୍ୟୁ ହୁଏ (ଅର୍ଥାତ୍ ଜନ୍ମର ୯୫ ଦିନରେ ଏବଂ ମାତୃତ୍ୱ ଛୁଟି ଅବଧିର ୧୭୩ ଦିନରେ ), ତେବେ ସେ ଦୁର୍ଘଟଣା ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ, ଅର୍ଥାତ୍ ୧୨.୦୮.୨୦୨୫ ତାରିଖ ପର୍ଯ୍ୟନ୍ତ, ମାତୃତ୍ୱ ଛୁଟି ନେଇପାରିବେ । ଏହି କ୍ଷେତ୍ରରେ, ତାଙ୍କର ମାତୃତ୍ୱ ଛୁଟିର ଅବଧି ୧୮୭ ଦିନ (୦୭.୦୨.୨୦୨୫ ଠାରୁ ୧୨.୦୮.୨୦୨୫ ପର୍ଯ୍ୟନ୍ତ) ହେବ ।*

ଗ) ପୂର୍ବରୁ ଯେତେ ଥର ମାତୃତ୍ୱ ଛୁଟି ନେଇଥିଲେ ବି, ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ଦ୍ୱିତୀୟ ଜୀବିତ ସନ୍ତାନ ରଖିବା ପାଇଁ ବାରମ୍ବାର ମାତୃତ୍ୱ ଛୁଟି ନେଇପାରିବେ ।

ଘ) ଯଦି ମାତୃତ୍ୱ ଛୁଟି ସମୟରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ସେ ସେହି ଉଚ୍ଚ ପଦବୀରେ ଯୋଗ ଦେଲେ ବୋଲି ଯେବେ ତାଙ୍କ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣେଇବେ, ସେହି ଦିନଠାରୁ ସେ ସେହି ଉଚ୍ଚ ପଦବୀରେ ଯୋଗ ଦେଲେ ବୋଲି ଧରାଯିବ । ସେ ତାଙ୍କର ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଚ୍ଛିନ୍ନ ଭାବେ ନେଇପାରିବେ ।

ଙ) ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ମାତୃତ୍ୱ ଛୁଟି ଏକକାଳୀନ ନିରବଚ୍ଛିନ୍ନ ଭାବେ ବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ ।

ଚ) ମାତୃତ୍ୱ ଛୁଟି ଲାଭ କରିବା ପାଇଁ ଶିଶୁ ପ୍ରସବ ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ ।

ମାତୃତ୍ୱ ଛୁଟି ସମ୍ପର୍କିତ ନୂତନ ପ୍ରାବଧାନଗୁଡିକ ଏହି କାର୍ଯ୍ୟାଳୟ ସ୍ମାରକ ପ୍ରକାଶିତ ତାରିଖରୁ ଭବିଷ୍ୟତ ପାଇଁ କାର୍ଯ୍ୟକାରୀ ହେବ । ମାତୃତ୍ୱ ଛୁଟି ସମ୍ବନ୍ଧରେ ଯଦି କିଛି ଅସୁବିଧା ଉପୁଜେ, ତେବେ ଅର୍ଥ ବିଭାଗ ସହ ପରାମର୍ଶ କରାଯାଇପାରେ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

30.05.2025

(ଶାଶ୍ୱତ ମିଶ୍ର)

ପ୍ରମୁଖ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୬୧୧୭ /ଅ ତା ୩୦.୦୪.୨୦୨୪ ରିଖ

ଏହାର ଏକକିତା ନକଲ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ / ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ / ମାନ୍ୟବର ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ / ଅର୍ଥ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ / ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ / ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ / ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗଙ୍କ ବ୍ୟକ୍ତିଗତ ସଚିବ / ପ୍ରଧାନ ମହାଲେଖାପାଳ (A & E), ଓଡ଼ିଶା / ମହାଲେଖାପାଳ (Audit), ଓଡ଼ିଶା, ଭୁବନେଶ୍ୱର / ଉପ ମହାଲେଖାପାଳ, ପୁରୀ , ଓଡ଼ିଶା / ଉପ ମହାଲେଖାପାଳ (Projects), କୋରାପୁଟ , ଓଡ଼ିଶା / ସମସ୍ତ ବିଭାଗ / ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର / ସଦସ୍ୟ, ରାଜସ୍ୱ ବୋର୍ଡ , କଟକ / ପୋଲିସ ମହାନିର୍ଦ୍ଦେଶକ, ଓଡ଼ିଶା / ସଚିବ, ଲୋକାୟୁକ୍ତ, ଓଡ଼ିଶା / ସଚିବ, ଓଡିଶା ବିଧାନ ସଭା / ରେଜିଷ୍ଟ୍ରାର, ଉଚ୍ଚ ନ୍ୟାୟାଳୟ, ଓଡିଶା, କଟକ / ସମସ୍ତ ଅର୍ଥ ଉପଦେଷ୍ଟା / ସମସ୍ତ ସହକାରୀ ଅର୍ଥ ଉପଦେଷ୍ଟା / ସମସ୍ତ ଆର ଡି ସି / ସମସ୍ତ ଜିଲ୍ଲାପାଳ / ସମସ୍ତ ଉପ ଜିଲ୍ଲାପାଳ / ରାଜ୍ୟ କୋଷାଗାର ନିର୍ଦ୍ଦେଶକ / ସମସ୍ତ ଜିଲ୍ଲା କୋଷାଗାର, ସ୍ୱତନ୍ତ୍ର କୋଷାଗାର ଏବଂ ଉପ କୋଷାଗାର / ନିର୍ଦ୍ଦେଶକ, MDRAFM, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର / ଅଧ୍ୟକ୍ଷ, ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ, ଭୁବନେଶ୍ୱର / ମହାନିର୍ଦ୍ଦେଶକ, ଗୋପବନ୍ଧୁ ପ୍ରଶାସନ ଏକାଡ଼େମୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୬୧୧୮ /ଅ ତା ୩୦.୦୪.୨୦୨୪ ରିଖ

ଏହାର ଏକକିତା ନକଲ ସମସ୍ତ ଅଧିକାରୀ / ସମସ୍ତ ଉପ ବିଭାଗ, ଅର୍ଥ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୬୧୧୯ /ଅ ତା ୩୦.୦୪.୨୦୨୪ ରିଖ

ଏହାର ଏକକିତା ନକଲ ସବ୍-ନୋଡାଲ ଅଫିସର, FID, ଅର୍ଥ ବିଭାଗଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତାଙ୍କୁ ଏହି ଅନୁରୋଧ ଯେ ସେ ଏହି କାର୍ଯ୍ୟାଳୟ ସ୍ମାରକକୁ ଅର୍ଥ ବିଭାଗର website ରେ ସମସ୍ତଙ୍କର ଅବଗତି ନିମନ୍ତେ ଅପଲୋଡ କରିବେ ।

ଉପ ଶାସନ ସଚିବ